ସକାଳ
THE SAKALA

## ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଣ୍ଡିଆ ଦିବସ

# ମାଣ୍ଡିଆ ବାସ୍ନାରେ ମହକିଲା 'ସେବକ' ପରିସର






ସୁନ୍ଦରଗଡ଼, ୧୦।୧୧(ସମିସ)

ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗପକ୍ଷରୁ ମିଲେଟ ମିଶନ କାର୍ଯ୍ୟକ୍ରମ ଦ୍ୱାରା ପୁଷ୍ଟିଶସ୍ୟର ବହୁଳ ବ୍ୟବହାର ତଥା ଘରେ ଘରେ ପ୍ରତ୍ୟେକ ଖାଦ୍ୟ ଥାଳିରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି। ଏଣୁ ମାଣ୍ଡିଆ ଦିବସ ଅବସରରେ ଶୁକ୍ରବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହା ସମାରୋହରେ ପାଳିତ ହୋଇଛି।

ମାଣ୍ଡିଆ ଦିବସ ଉପଲକ୍ଷେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ସେବକ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସମ୍ମିଳନୀ ଓ ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇ ଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧ୍ୟକ୍ଷ ଅମୀୟ କାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପୁଷ୍ଟିଶସ୍ୟର ବହୁଳ ପ୍ରସାରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରମ୍ପାରିକ ପୁଷ୍ଟିଶସ୍ୟର ବହୁଳ ପ୍ରସାର ଦ୍ୱାରା ଏକ ସୁସ୍ଥ ସମାଜ ଗଠନ କରିପାରିବା ବୋଲି ମତ ଦେଇଥିଲେ। ସେହିପରି ସାଂସ୍କୃତିକ ଉତଥାନ ସହିତ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ପୁଷ୍ଟିଶସ୍ୟର ବ୍ୟାପକ ପ୍ରସାର ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡେଭିଡ ଜେମ୍ସ ବାରେ ମୁଖ୍ୟ ବକ୍ତା ଭାବେ ପିଲା ଦିନରୁ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ସହିତ ଥିବା ନିବିଡତା, ମାଣ୍ଡିଆର ବିଭିନ୍ନ ଉପକାରିତା ଉପରେ ନିଜେ ଅଙ୍ଗେ ନିଭାଇଥିବା ଅନୁଭୂତି, ସନ୍ତୁଳିତ ଆହାର ଓ ସୁସ୍ଥ ଜୀବନ ଶୈଳୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଟିଡିସିସି ବ୍ରାଞ୍ଚ ମ୍ୟାନେଜର ଲକ୍ଷ୍ମୀଧର ପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାଣ୍ଡିଆର ବଜାର ବ୍ୟବସ୍ଥା ଉପରେ କହିଥିଲେ। ଟାଙ୍ଗରପାଲି ଓ ବାଲିଶଙ୍କରା ବ୍ଲକରୁ ଆସିଥିବା ଚାଷୀ ମାନେ ପୁଷ୍ଟିଶସ୍ୟ ଚାଷରେ ସେମାନଙ୍କ ଅଭିଜ୍ଞତା ଉପରେ ଉପସ୍ଥାପନା କରିଥିଲେ। ସେବକର ଟାଙ୍ଗରପାଲି ବ୍ଲକ ସହକାରୀ ପ୍ରକଳ୍ପ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ଓଡ଼ିଶା ମିଲେଟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ସୁନ୍ଦରଗଡ଼ ଜିଲ୍ଲା ମାଣ୍ଡିଆ ଚାଷରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ। ଏହି ଅବସରରେ ନାଚ, ଗୀତ, ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ, ସଂକୀର୍ତ୍ତନ୍ୟ ଆଦି ପ୍ରତିଯୋଗିତାର ଆୟୋଜନ କରା ଯାଇଥିଲା। ଏହି ପୁଷ୍ଟିଶସ୍ୟ ଦିବସକୁ ବସୁଧା କୃଷକ ସଂଗଠନ ତରଫରୁ ଆୟୋଜିତ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟରୁ ପ୍ରସ୍ତୁତି ଭଳିକି ଭଳି ଖାଦ୍ୟ ଶସ୍ୟ ସମାହାରରେ ଖାଦ୍ୟ ମହୋତ୍ସବ ଆହୁରି ଆକର୍ଷଣୀୟ କରିଥିଲା। କଦୋ ଖିଚିଡି, ମାଣ୍ଡିଆ ଗୁପଚୁପ, ମାଣ୍ଡିଆ ସୁପ, ରାଗି ସର୍ବତ ସାଙ୍ଗକୁ ସୁଆଁ ଖିରୀ, ବରା, ଜିଲାବି, ଆରିଷା, ମାଣ୍ଡିଆ କେକ ଆଦି ୧୮ ପ୍ରକାରର ପୁଷ୍ଟିଶସ୍ୟ ଖାଦ୍ୟ ବାସ୍ନା ଉପସ୍ଥିତ ଅତିଥି ଗଣ, ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ତଥା ସ୍ଥାନୀୟ ଗ୍ରାମବାସୀ ମାନେ ମୋହିତ ହୋଇଥିଲେ। ଏହି ଅବସରରେ ଟାଙ୍ଗରପାଲି ଓ ବାଲିଶଙ୍କରା ବ୍ଲକର ସର୍ବଶ୍ରେଷ୍ଠ ପୁଷ୍ଟିଶସ୍ୟ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା। ବାଲିଶଙ୍କରା ବ୍ଲକର ଝାରେନମାଲର ଅଞ୍ଜନା କଉଡି ଓ ଟାଙ୍ଗରପାଲି ବ୍ଲକ ରୂପାବାହାଲ ଗ୍ରାମର ଶତ୍ରୁଘ୍ନ ରୋହିଦାସ ସର୍ବଶ୍ରେଷ୍ଠ ମାଣ୍ଡିଆ ଚାଷୀ, ବାଲିଶଙ୍କରା ବ୍ଲକ ତଲସରାର ସରିତା ସାହୁ ସର୍ବଶ୍ରେଷ୍ଠ ସୁଆଁ ଚାଷୀ ଓ ଟାଙ୍ଗରପାଲି ବ୍ଲକ କୁଆଁରବଗାର କୁମଳିନୀ ସୁରିନ ସର୍ବଶ୍ରେଷ୍ଠ ଗଙ୍ଗେଇ ଚାଷୀ ଭାବେ ପୁରସ୍କୃତ ହୋଇଥିଲେ। ତରୁଣ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଞ୍ଜୁ ପଟେଲ ଓ ଦୀପିକା ବୁଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେବକ ପକ୍ଷରୁ ଏହି ଠଣସୁନ୍ଦର ଗନ୍ଧ, ବିଶାଳ ବନଛୋର, କୃତିକା ସିଂହ, ସରିତା ବୁଡା, ଆକାଂକ୍ଷା ଗୋସାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।